ଭାରତ ସଂଘ ଏବଂ ଅନ୍ୟଜଣେ

ବନାମ

ସ୍ୱତନ୍ତ୍ର ଭୂମି ଅଧିଗ୍ରହଣ ଅଧିକାରୀ ଏବଂ ଅନ୍ୟମାନେ

ସେପ୍ଟେମ୍ବର 2,1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭୂମି ଅଧିଗ୍ରହଣ ଅଧିନିୟମ, 1894:*

*ଧାରାଗୁଡ଼ିକ 18,23 (1) – ଭୂମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ କ୍ଷତିପୂରଣ – ରାଜ୍ୟ ଅଧିନିର୍ଣ୍ଣୟ ଦ୍ୱାରା ଆବଦ୍ଧ ଅଟନ୍ତି – ଅଧିସୂଚନା ତାରିଖ ଅନୁଯାୟୀ ପ୍ରଚଳିତ ବଜାର ମୂଲ୍ୟର ଅତ୍ୟଧିକ ହୋଇଥିବାରୁ ରାଜ୍ୟ ଏହି ଅଧିନିର୍ଣ୍ଣୟ ଉପରେ ଅଭିଯୋଗ କରିପାରିବେ ନାହିଁ – ବିଚାରାର୍ଥେ ପ୍ରେରଣ ଉଦ୍ଦିଷ୍ଟ ନୁହେଁ – ପ୍ରଜାସ୍ୱତ୍ୱ ଅଧିକାର – କ୍ଷତିପୂରଣର ଅଧିକାର – ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଛି – ଅପିଲରେ ପ୍ରତିକାରକୁ ପ୍ରତିବାଦ କରିବାକୁ ରୟତମାନଙ୍କ ପାଇଁ ଉନ୍ମୁକ୍ତ ଅଛି ।*

ଦେୱାନୀ ଅପିଲ ଅଧିକାରିତା : ବିଶେଷ ଅନୁମତି ଆବେଦନ (ସି) ସଂଖ୍ୟା 16514/1996 ।

ଡବ୍ଲ୍ୟୁ.ପି. ସଂଖ୍ୟା. 1733/1994 ରେ ଏନ୍.ଏମ୍. ସଂଖ୍ୟା. 156/96 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ତା 24.6.96 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀମାନଙ୍କ ପକ୍ଷରୁ ଅତିରିକ୍ତ ମହା ନ୍ୟାୟାଭିକର୍ତ୍ତା , ଅଲତାଫ ଅହମ୍ମଦ, ଏନ୍. ଗୋସ୍ୱାମୀ, ଏ.ଡି.ଏନ୍. ରାଓ ଏବଂ ଶ୍ରୀମତୀ ଅନିଲ କଟିୟାର ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ସ୍ୱୀକୃତ ଭାବରେ, ଆବେଦନକାରୀଙ୍କ ଦଖଲରେ, ରୟତ ଭାବରେ ପ୍ରାୟ 848.67 ବର୍ଗ ମିଟର ପରିମାପର ଭୂମି, ବୃହତ ବମ୍ବେର ୱର୍ଲି ଇଷ୍ଟେଟ୍ ର ଯୋଜନା ସଂଖ୍ୟା 52ର ଭୂଖଣ୍ଡ ସଂଖ୍ୟା 53-A ଅଛି । ଜମି ମାଲିକାଣୀ, ଶ୍ରୀମତୀ ଜେରବାନୁ ଖୁର୍ଶାଦ୍ ଜାହାଙ୍ଗିଉର୍ କର୍ସେଟଜି ଏବଂ ତାଙ୍କ ସ୍ୱାମୀ ଡକ୍ଟର କେ.ଜେ. ଖୁର୍ଶାଦ୍ ଉଚ୍ଚ ନ୍ୟାୟାଳୟରେ ଏକ ନିର୍ଦ୍ଦେଶ ପାଇଁ ରିଟ୍ ଆବେଦନ ଦାଖଲ

କରିଥିଲେ, କଣ ଆବେଦନକାରୀ ଭୂମି ଅଧିଗ୍ରହଣ କରିପାରିବେ କିମ୍ବା ସେମାନଙ୍କୁ ଦଖଲ ସମର୍ପଣ କରିବେ ଯାହା ଦ୍ୱାରା ସେମାନେ ନିଜ ଇଚ୍ଛାରେ ଭୂମି ବିକାଶ କରିପାରିବେ । ରିଟ୍ ଆବେଦନ ସଂଖ୍ୟା 1733/94 ରେ, ଆବେଦନକାରୀ ଅଧିଗ୍ରହଣ ସହିତ ଆଗକୁ ବଢ଼ିବେ କି ନାହିଁ ତାହା ନିଷ୍ପତ୍ତି ନେବାକୁ ଉଚ୍ଚ ନ୍ୟାୟାଳୟ ତା ଅଗଷ୍ଟ 16,1994 ରିଖର ଆଦେଶ ଦ୍ୱାରା ନିର୍ଦ୍ଦେଶ ଦେଇଥିଲେ । ସେହି ପ୍ରସଙ୍ଗରେ, ଉକ୍ତ ଆଦେଶର ତାରିଖଠାରୁ ଚାରି ମାସ ମଧ୍ୟରେ ଭୂମି ଅଧିଗ୍ରହଣ ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ତଦନୁସାରେ, ଭୂମି ଅଧିଗ୍ରହଣ ଅଧିନିୟମ, 1894 ଅନ୍ତର୍ଗତ ଫେବୃଆରୀ 23,1995 ରେ ଅଧିସୂଚନା ପ୍ରକାଶିତ ହୋଇଥିଲା ଏବଂ ଅଧିନିର୍ଣ୍ଣୟ ତଦନ୍ତ ପରିଚାଳନା କରାଯାଇଥିଲା । ଭୂମି ଅଧିଗ୍ରହଣ ଅଧିକାରୀ ତା ମେ 30, 1995 ରିଖର ତାଙ୍କ ଅଧିନିର୍ଣ୍ଣୟରେ ବିବାଦରେ ଥିବା ଭୂମି ପାଇଁ କ୍ଷତିପୂରଣ ବାବଦକୁ ପ୍ରତି ବର୍ଗଫୁଟ ପିଛା ଟ. 8300 ଲେଖାଏଁ ନିର୍ଦ୍ଧାରିତ କରିଥିଲେ ଏବଂ ଅନ୍ୟ ଭୂମି ପାଇଁ ଅନ୍ୟାନ୍ୟ କ୍ଷତିପୂରଣ ସହିତ ଟ. 7,57,92,954 ର ମୋଟ କ୍ଷତିପୂରଣ ନିର୍ଦ୍ଧାରଣ କରିଥିଲେ ଯାହା ସହିତ ଆମେ ସମ୍ପୃକ୍ତ ନୋହୁଁ । ଯେହେତୁ ଏହି ପରିମାଣ ପ୍ରଦାନ କରାଯାଇନଥିଲା, ତେଣୁ ଉତ୍ତରଦାତାମାନେ ଉପରୋକ୍ତ ରିଟ୍ ଆବେଦନର ପ୍ରସ୍ତାବ ସଂଖ୍ୟା 156/96 ରେ ପଦକ୍ଷେପ ନେଇଛନ୍ତି । ଖଣ୍ଡପୀଠ ଆବେଦନକାରୀମାନଙ୍କୁ ଜୁନ୍ 30, 1996 ସୁଦ୍ଧା ଏହି ପରିମାଣ ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଆମକୁ ଅବଗତ କରି ଦିଆଯାଇଛି, ଅକ୍ଟୋବର 1,1996 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା ।

ଆବେଦନକାରୀଙ୍କ ତରଫରୁ ବିଜ୍ଞ ବରିଷ୍ଠ ଅଧିବକ୍ତା, ଶ୍ରୀ ଏନ୍.ଏନ୍. ଗୋସ୍ୱାମୀ ଯୁକ୍ତି ବାଢ଼ିଥିଲେ ଯେ, ଭୂମି ଅଧିଗ୍ରହଣ ଅଧିକାରୀ ସ୍ୱେଚ୍ଛାକୃତ ଭାବେ କ୍ଷତିପୂରଣ ନିର୍ଦ୍ଧାରଣ କରିଛନ୍ତି ଏବଂ, ତେଣୁ, ଏହା କ୍ଷତିପୂରଣର ଏକ ଯୁକ୍ତିଯୁକ୍ତ ହାର ନୁହେଁ ଯାହାକୁ ଭୂମିଗୁଡ଼ିକ ପାଇବାକୁ ସକ୍ଷମ ଅଟନ୍ତି । ବିକଳ୍ପ ଭାବରେ, ସେ ଯୁକ୍ତି କରିଥିଲେ ଯେ, ଯେହେତୁ ଆବେଦନକାରୀମାନେ ରୟତ ଭାବରେ ଦଖଲରେ ରହିଛନ୍ତି, ସେମାନେ ମଧ୍ୟ ଆବେଦନକାରୀଙ୍କ ଦ୍ୱାରା ଧାରଣ କରାଯାଇଥିବା ପ୍ରଜାସ୍ୱତ୍ୱ ଅଧିକାର ପାଇଁ *ଯଥାନୁପାତ* କ୍ଷତିପୂରଣ ପାଇବାକୁ ହକଦାର ଅଟନ୍ତି ଏବଂ ତେଣୁ, ଭୂମି ଅଧିଗ୍ରହଣ ଅଧିକାରୀ, ଏହାକୁ ସଠିକ ଭାବରେ ବିଚାର କରିନାହାଁନ୍ତି । ଯେଉଁ ପର୍ଯ୍ୟନ୍ତ ପ୍ରଥମ ପ୍ରସଙ୍ଗ ସମ୍ପୃକ୍ତ, ଆମେ ସମ୍ପୂର୍ଣ୍ଣ ଭାବରେ କୌଣସି ଯୋଗ୍ୟତା ପାଇ ନାହୁଁ । ଜିଲ୍ଲାପାଳଙ୍କ ଅଧିନିର୍ଣ୍ଣୟ ରାଜ୍ୟଙ୍କ ତରଫରୁ ପ୍ରସ୍ତୁତ କରାଯାଇଥିବା ଏକ ପ୍ରସ୍ତାବ ଏବଂ ତେଣୁ, ଆଇନ ଅନୁଯାୟୀ, ଭୂମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ଅଧିନିର୍ଣ୍ଣୟର ସଠିକତା ଉପରେ ରାଜ୍ୟ ପ୍ରଶ୍ନ

କରିପାରିବେ ନାହିଁ । ରାଜ୍ୟ ଏହା ଦ୍ୱାରା ଆବଦ୍ଧ ଅଟନ୍ତି । ଏହି ପରିସ୍ଥିତିଗୁଡ଼ିକ ଅନୁସାରେ, ସେମାନେ ଜିଲ୍ଲାପାଳଙ୍କ ଅଧିନିର୍ଣ୍ଣୟକୁ ଅଧିସୂଚନା ତାରିଖ ଅନୁଯାୟୀ ପ୍ରଚଳିତ ବଜାର ମୂଲ୍ୟଠାରୁ ଅତ୍ୟଧିକ ବୋଲି ଅଭିଯୋଗ କରିପାରିବେ ନାହିଁ ।  ଆବେଦନକାରୀଙ୍କ ପାଇଁ କୌଣସି ଆଇନ ପ୍ରଯୁଜ୍ୟ ନାହିଁ ଯେ, ସେମାନେ ଅଧିନିୟମର ଧାରା 23 (1) ଅନ୍ତର୍ଗତ ନିର୍ଦ୍ଧାରିତ କ୍ଷତିପୂରଣ ହାର ସମ୍ବନ୍ଧରେ ଧାରା 18 ଅନ୍ତର୍ଗତ କୌଣସି ନିର୍ଦ୍ଦେଶ ମାଗିବା ପାଇଁ ହକଦାର ଅଟନ୍ତି । କେବଳ ୟୁ.ପି. ରାଜ୍ୟରେ ସ୍ଥାନୀୟ ସଂଶୋଧନ ଦ୍ୱାରା, ଧାରା 18 (3) ଅନ୍ତର୍ଗତ ରାଜ୍ୟଙ୍କୁ ଏପରି ଅଧିକାରର ନିର୍ଦ୍ଦେଶ ମାଗିବା ପାଇଁ, ଆୟୁକ୍ତଙ୍କୁ ଅର୍ପଣ କରାଯାଇଥିଲା । ଅଧିନିୟମ 1/1894 ଅନ୍ତର୍ଗତ ଏପରି କୌଣସି ସମାନ ଆଇନ ବିଦ୍ୟମାନ ନାହିଁ ।

ସେ କହିଛନ୍ତି ଯେ, ସରକାର ଆଉ ଏକ ରିଟ୍ ଆବେଦନ ଦାଖଲ କରିଛନ୍ତି ଯାହା ଅଗଷ୍ଟ 30,1996 ରେ ଖାରଜ ହୋଇଥିଲା ଯେଉଁଥିରେ, ସେମାନେ ସେମାନଙ୍କ ପ୍ରଜାସ୍ୱତ୍ୱ ଅଧିକାରଗୁଡ଼ିକ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା ଅଧିନିର୍ଣ୍ଣୟ ହୋଇଥିବା କ୍ଷତିପୂରଣର ଅଧିକାର ଦାବି କରିଥିଲେ । ଯଦି ଏପରି ହୋଇଥାଏ, ତେବେ ରିଟ୍ ଆବେଦନ କିମ୍ବା ଏହା ଅଧୀନରେ ଉପୁଜିଥିବା କୌଣସି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନରେ ସେହି ଆଦେଶ ବିରୋଧରେ ଦାଖଲ ହୋଇଥିବା ଅପିଲରେ ସେହି ତରଫରୁ ପ୍ରତିକାର ପାଇଁ ପ୍ରତିବାଦ କରିବାକୁ ସେମାନଙ୍କ ପାଇଁ ଉନ୍ମୁକ୍ତ ରହିବ । ଆକ୍ଷେପିତ ଆଦେଶରେ ଆମେ କୌଣସି ବେଆଇନତା ପାଉନାହୁଁ ।

ତଦନୁସାରେ ବିଶେଷ ଅନୁମତି ଆବେଦନ ଖାରଜ ହୋଇଛି ।

ଜି.ଏନ୍.                                                    ଆବେଦନଟି ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :- ସୁଧା ସୁରମ୍ୟା ସାହୁ**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**